# ତହସିଲଦାର, ସେମିଳିଗୁଡା କାର୍ଯ୍ୟାଳୟ

ପତ୍ର ସଂଖ୍ୟା - ୨୫୦/୨୦ 　　　　　　　　　　　　　　　　 ତାରିଖ - ୧୪/୦୨/୨୦୨୦

## ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦି ଲିଜ ନିମନ୍ତେ

## ବିଜ୍ଞାପନ

ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ -2004 ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ-2016 ଆନୁଯାୟୀ

ଏତଦ୍ୱାରା ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ସେମିଳିଗୁଡା ତହସିଲ ଅନ୍ତର୍ଗତ ସୂଚୀରେ ପ୍ରଦତ୍ତ(Annexure-I) ଲଘୁ ଖଣିଜ ଉତ୍ସ ଗୁଡିକୁ ଆସନ୍ତା ୫(ପାଞ୍ଚ) ବର୍ଷ ନିମନ୍ତେ (୨୦୨୦-୨୧ ଠାରୁ ୨୦୨୪-୨୫ ପର୍ଯ୍ୟନ୍ତ) ଦୀର୍ଘମିଆଦୀ ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି ।

ପ୍ରକାଶ ଥାଉକି ଲିଜରେ ଅଶଂଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସଗୁଡିକୁ ପରିବର୍ତନ କରି ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟାବେକ୍ଷଣ କରି ଆବେଦନ କରିବା ବାଞ୍ଛନୀୟ । ଲିଜ ନେବା ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭଯୋଗ ଗ୍ରହଣୀୟ ହେବ ନାହିଁ । ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଇଚ୍ଛୁକ ବ୍ୟକ୍ତି ମାନେ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି( ସଂଶୋଧନ) ଆଇନ -୨୦୧୬ ବର୍ଣିତ ଚିହ୍ନିତ ଫର୍ମ -M ୩ କିତା କପି କରି ପୁରାଣକାରୀ ତଡ୍ ସହିତ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ sealed coverରେ ତହସିଲଦାର,ସେମିଳିଗୁଡାଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରି ପୋଷ୍ଟ ,ସ୍ପୀଡ଼ ପୋଷ୍ଟ କିମ୍ବା ଡ୍ରପ ବକ୍ସ ରେ ଦାଖଲ କରିବେ ।

୧. ଦରଖାସ୍ତ ଫି ବାବଦକୁ ଟ.୧୦୦୦/- (ଏକ ହଜାର ) ଟ୍ରେଜେରୀ ଚାଲାନ(Head of Account -0853- Non- Ferro Mining and Metallurgical Industries 102 Mineral Concession Fees , Rents and Royalties) , ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

୨. ଉତ୍ସର ନାମ, ତଫସିଲ ଓ ସରହଦର ବିବରଣୀ ସଂଲଗ୍ନ କରିବା ହେବ ।

୩. ଦରଖାସ୍ତକାରୀଙ୍କ ନାମରେ ଉପରକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦାର୍ଶାଇ ଏକ ସତ୍ୟପାଠ ।

୪. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟଉତ୍ତୋଳନ ପରିମାଣ (Minimum Guaranteed Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦରଶାଯାଇଥିବା ଅତିରିକ୍ତ ଦେୟ ତଥ ରୟାଲଟିର ସମପରିମାଣରେ ଏକ ଶୋଧକ୍ଷମ ପ୍ରମାଣ ପତ୍ର(Solvency Certificate) କିମ୍ବା ବ୍ୟକ୍ତି ପ୍ରତ୍ୟଭୂତି(Bank Guarantee) (ଯାହାର ଅବଧି ଅନ୍ତତଃ ୫୦ର ମାସ ହେବ ଆବଶ୍ୟକ )[Requisite Extent of Solvency= Minimum Guaranteed Quantity /Bank Guarantee X (Offered Additional Charge + Royalty)]

୫. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲଟି ର ଶତକଡ଼ା ୫ ଭାଗ EMD (Earnest Money Deposit) ନିମନ୍ତେ ତହସିଲଦାରଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ । ନିର୍ଧାରିତ ହୋଇଥିବା EMD (Earnest Money Deposit) ର ପରିମାଣକୁ ଆବେଦନକାରୀ ତହସିଲଦାରଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଦରଖାସ୍ତ ସହ ସଂଲଗ୍ନ କରିବେ ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

୬. ପ୍ରାଧୀକୃତ ରାଜସ୍ୱ ଆଦିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ଅସ୍ଥାବର ସମ୍ପତ୍ତି ତାଲିକା. ଯଦି ଆବେଦନକାରୀ ଚାହାଁନ୍ତି ଅନ୍ୟାନ୍ୟ ଆବଶ୍ୟକ ତଥ୍ୟ ଯଥା ବୈଷୟିକ ଜ୍ଞାନ, ଅଭିଜ୍ଞାନ, ପାଖରେ ଥିବା ଯନ୍ତ୍ର ସମୂହ ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣ ପତ୍ର ସଂଲଗ୍ନ କରିପାରନ୍ତି ।

୭. ଗତବର୍ଷର ଆୟକର ଦାଖଲ (Income Tax Return Filing) ବିବରଣୀର ନକଲ ।

୮. ଦରଖାସ୍ତକାରୀ ଲଫାଫାର ଉପରି ଭାଗରେ ବଡ ଅକ୍ଷରରେ କେଉଁ ସୈରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ ନଂ. ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦ-ଦିଆ ଲଫାଫାରେ ରେଜିଷ୍ଟ୍ରିଡାକ ଯୋଗେ ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ-ଦିଆ ଟେଣ୍ଡର ବକ୍ସରେ ତା ୧୯.୦୩.୨୦୨୦ ରିଖ ରୁ ୦୨.୦୪.୨୦୨୦ ଅପରାହ୍ନ ୫ ଘଣ୍ଟା ୩୦ ମିନିଟ ସୁଦ୍ଧା ଯେ କୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ. ତା ପରଦିନ ଅର୍ଥାତ ତା.୦୩.୦୪.୨୦୨୦ ପୂର୍ବାହ୍ନ ୧୧. ୦୦ ଘଟିକା ସମୟରେ ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯାଇ ଚୂଡାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖସ୍ତକୁ ବାତିଲ କରାଯିବ. ଉପରୋକ୍ତ ସମୟ ପରେ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ।

ଠିକଣା :

ତହସିଲଦାରଙ୍କ କାର୍ଯ୍ୟାଳୟ ସେମିଳିଗୁଡା

ଗ୍ରାମ /ପୋଷ୍ଟ -ସେମିଳିଗୁଡା ,ଜିଲ୍ଲା -କୋରାପୁଟ (ଓଡିଶା)

ପିନ- ୭୬୪୦୩୬

ଆବେଦିତ ଦରଖସ୍ତ ମାନଙ୍କ ମଧ୍ୟରେ ସର୍ବାଧିକ ଅତିରିକ୍ତ ଦେୟ (Additional Charge )ଦର୍ଶାଇଥିବା ଆବେଦନ ପତ୍ରକୁ ଯୋଗ୍ୟ ବିବେଚିତ କରାଯିବ ।

ଯଦି ଏକାଧିକ ବ୍ୟକ୍ତି ସଂପୃକ୍ତ ସୈରାତ ଉତ୍ସ ନିମନ୍ତେ ରୟାଲଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦର୍ଶାଇ ଥାଆନ୍ତି, ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଆବେଦନକାରୀ ପ୍ରାଧୀକୃତ ଅଧିକାରୀଙ୍କ ଦ୍ୱାରା (Competent Authority) ଧାର୍ଯ୍ୟ ହୋଇଥିବା ରୟାଲଟି ମୂଲ୍ୟ ଏବଂ Steel & Mines Department,Govt. of Odisha ର ଚିଠି ନଂ ୪୫୦୫ ତା. ୨୧.୦୫.୨୦୧୬ ଏବଂOMMC Rules-2016 ନିର୍ଦ୍ଦେଶ ପ୍ରକାରେ ଆବେଦନକାରୀ ଅତିରିକ୍ତ ଦେୟର ପରିମାଣ ରୟଲଟି ମୂଲ୍ୟର ଶତକଡା ୫ ଠାରୁ କମ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ ।

ଯୋଗ୍ୟବିବେଚିତ ଆବେଦନକାରୀଙ୍କୁ ମନୋନୟନର ୭ (ସାତ) ଦିନ ମଧ୍ୟରେ ପ୍ରାଧୀକୃତ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମରେ -F ରେ ଜଣାଇ ଦିଆଯିବ . ସୂଚନା ପାଇବାର ୧୫ ଦିନ ମଧ୍ୟରେ ମନୋନୀତ ଆବେଦନକାରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଓ ଅମାନତ ରାଶି ଦେୟ (Security Deposit) ବାବଦକୁ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲଟି ଏବଂ ଜିଲ୍ଲା ଖଣିଜ ପାଣ୍ଠିକୁ (District Mineral Foundation) ଦେବାକୁ ଥିବା ଦେୟାରୁ ଏକ ଚତୁର୍ଥାଂଶରୁ Earnest Money କୁ ବାଦ ଦେଇ ବଳକା ଥିବାରାଶିର ପରିମାଣ ଜମାକରିବେ ଓ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Moneyକୁ ଏକତ୍ର କରି ସୁଧ ରହିତ ଅମାନତ ରାଶି(Security Deposit) ଭାବରେ ରଖାଯିବ . ଯଦି ମନୋନୀତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମନତ ରାଶି ପଠାଇ ନ କରନ୍ତି, ତେବେ ଦ୍ୱିତୀୟ ସର୍ବାଧିକ ନିଲାଂଧାରୀଙ୍କୁ ସୁଯୋଗ ଦିଆଯିବ ।

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ ଉକ୍ତ ଘାଟ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ଇଚ୍ଛୁକ ବ୍ୟକ୍ତିମାନେ ତା ୦୪.୦୪.୨୦୨୦ ରିଖ ରୁ ୦୮.୦୪.୨୦୨୦ରିଖ ମଧ୍ୟରେ ଯେ କୌଣସି ସରକାରୀ କାର୍ଯ୍ୟ ଦିବସରେ ତା ୦୮.୦୪.୨୦୨୦ ରିଖ ଅପରାହ୍ନ ୫ ଘଣ୍ଟା ୩୦ ମିନିଟ ପର୍ଯ୍ୟନ୍ତ ଦରଖାସ୍ତ ଦାଖଲ କରିପାରିବେ ତା ୦୯.୦୪.୨୦୨୦ ପୂର୍ବାହ୍ନ ୧୧. ୦୦ ଘଟିକା ସମୟରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ ।ସେହିପରି ଯଦି ଦ୍ୱିତୀୟ ଥର ମଧ୍ୟ କୌଣସି ଘାଟ ପାଇଁ ଆଦୌ ଦରଖାସ୍ତ ଆସି ନଥାଏ କିମ୍ବା ସମସ୍ତ ଦରଖାସ୍ତ ଗୁଡିକ ଅଯୋଗ୍ୟ ବିବେଚିତ ହୁଅନ୍ତି ତେବେ ତୃତୀୟଥର ତଥା ଶେଷଥର ପାଇଁ ତା ୦୯.୦୪.୨୦୨୦ରିଖ ରୁ ତା ୧୫.୦୪.୨୦୨୦ରିଖ ମଧ୍ୟରେ ଯେ କୌଣସି ସରକାରୀ କାର୍ଯ୍ୟ ଦିବସରେ ତା ୧୫.୦୪.୨୦୨୦ ରିଖ ଅପରାହ୍ନ ୫ ଘଣ୍ଟା ୩୦ ମିନିଟ ପର୍ଯ୍ୟନ୍ତ ଦରଖାସ୍ତ ଦାଖଲ କରିପାରିବେ ଏବଂ ସମସ୍ତ ଦରଖାସ୍ତକୁ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ତା ୧୬.୦୪.୨୦୨୦ ରିଖ ଅପରାହ୍ନ ପୂର୍ବାହ୍ନ ୧୧. ୦୦ ଘଟିକା ସମୟରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କର ଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯାଇ ଲିଜ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଯଦି କୌଣସି ସୈରାତ ଘାଟ ପାଇଁ ଏକକ ଦରଖାସ୍ତ ପ୍ରାପ୍ତ ହୋଇଥାଏ, ତେବେ, ଏହି ଦରଖାସ୍ତଟିକୁ ଖୋଲା ନ ଯାଇ ପରବର୍ତ୍ତି ଧାର୍ଯ୍ୟ ତାରିଖ ପର୍ଯ୍ୟନ୍ତ ଏକ ରୁ ଅଧିକ ଦରଖାସ୍ତ ଗ୍ରହଣ ପାଇଁ ଅପେକ୍ଷା କରାଯିବ । ଯଦି , ନିର୍ଦ୍ଧାରିତ ଶେଷ ତାରିଖ ସୁଦ୍ଧା ଏକକ ଦରଖାସ୍ତ ବ୍ୟତୀତ, ସେହି ଘାଟ ପାଇଁ ଆଉ କୌଣସି ଦରଖାସ୍ତ ଗ୍ରହଣ କର ନ ଯାଇଥାଏ, ତେବେ ସେହି ଏକକ ଦରଖାସ୍ତଟିକୁ ଶେଷ ତାରିଖରେ ଖୋଲା ଯିବା ।

ଏହି ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ମନୋନୀତ ଆବେଦନକାରୀଙ୍କୁ State Pollution Board ର Consent to Operate Order ଏହି କାର୍ଯ୍ୟାଳୟରେ ଦାଖଲ କରିବାକୁ ହେବ । ବିନା Consent to Operate Order ରେ ଲିଜଧାରୀ ଖଣିଜଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ ।

ମୁରୁମ ଓ ପଥର ପାଇଁ ସର୍ବନିମ୍ନ ରୟାଲଟି ମୂଲ୍ୟ ଘାନମିଟର ପ୍ରତି(per cubic meter) ଯଥାକ୍ରମେ ଟ. ୩୪/- ଓ ଟ. ୧୩୦/- ଅଟେ ।

ଲିଜଧାରୀ ସୈରାତ ଉତ୍ସର (Mining Plan) ନକ୍ସା ଅନୁଯାୟୀ ଏହାର ସିମାସରହଦ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ସୂଚନା ଫଳକ (Display Board) ଲଗାଇବେ ଯେଉଁଥିରେ ସୈରାତ ଉତ୍ସର ନାମ ତଥା ମଂଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ ରହିବ ।

ଲିଜଧାରୀ ଓଡିଶା ଲଘୁଖଣିଜ ଦ୍ରବ୍ୟ (ରିହାତି) ନିୟମ -୨୦୧୬ ର ଓ ତତ୍-ପରବର୍ତ୍ତି ସମସ୍ତ ସରକାରୀ ଓ ଅଦାଲତର ଆଦେଶ ମାନିବାକୁ ବାଧ ହେବେ ।

ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତୃଟି ପରିଲିକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତନ କରିବାର ଅଧିକାର ନିମ୍ନସ୍ୱାକ୍ଷରକାରୀଙ୍କର ରହିଛି . କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ଦର୍ଶାଇବା ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

ସଂଲଗ୍ନକ –Annexure-I

ତହସିଲଦାର, ସେମିଳିଗୁଡା

ପରିପତ୍ର ସଂଖ୍ୟା - ୯୫୧/୨୦

ତାରିଖ - ୧୪|୩|୨୦୨୦

ଏହାର ଏକକିତା ନକଲ DIO, NIC,କୋରାପୁଟଙ୍କ ଅବଗତି ଓ ଏହାକୁ ଜିଲ୍ଲା ୱେବ୍ ସାଇଟ ରେ ବିସ୍ତୃତ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ସେମିଳିଗୁଡା

ପରିପତ୍ର ସଂଖ୍ୟା- ୯୫୨/୨୦

ତାରିଖ - ୧୪|୩|୨୦

ଏହାର ଏକକିତା ନକଲ ଜିଲ୍ଲାପାଳ ଓ ଉପ-ଜିଲ୍ଲାପାଳ, କୋରାପୁଟଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ସେମିଳିଗୁଡା

# Annexure –I

## ସରୈାତ ଉତ୍ସଗୁଡିକର ବିବରଣୀ.

| କ୍ରମିକ ସଂଖ୍ୟା | କେଶ ନଂ | ଲଘୁଖଣିଜ ତଉସର ନାମ | ମୌଜା | ଖାତା | ଖସଡା | ମୋଟରକବା (ଏ) | ପ୍ରସ୍ତିବିତ ରକବା(in Ac.) | ସର୍ବନିମ୍ନମୂଲ୍ୟ(per Cum) | ଅତିରିକ୍ତମୂଲ୍ୟ (Addl. Charge) | ବାର୍ଷିକ MGQ ର ପରିମାଣ | ଧାର୍ଯ୍ୟ ଅମାନତା ରାଶି ର ପରିମାଣ (In Rs.)EMD amount | ଧାର୍ଯ୍ୟ ଶୋଧ ପତ୍ର ରାଶି ର ପରିମାଣ(In Rs.) |
|---|---|---|---|---|---|---|---|---|---|---|---|---|
| 1 | 1/20 | ପଥରଖାଦାନ | ଲୁଙ୍ଗୁରି | 118 | 60 | 10.47 | 2.00 | 130.00 | 7.00 | 1200 | 164400/- | 822000/- |
| 2 | 2/20 | ପଥରଖାଦାନ | ମାନିଆ | 65 | 184(A) | 53.52 | 2.00 | 130.00 | 7.00 | 1200 | 164400/- | 822000/- |
| 3 | 3/20 | ପଥରଖାଦାନ | ମାନିଆ | 65 | 184(B) | 53.52 | 2.00 | 130.00 | 7.00 | 1200 | 164400/- | 822000/- |
| 4 | 4/20 | ପଥରଖାଦାନ | ମାନିଆ | 65 | 184(C) | 53.52 | 2.00 | 130.00 | 7.00 | 1200 | 164400/- | 822000/- |
| 5 | 5/20 | ପଥରଖାଦାନ | ମାନିଆ | 65 | 184(D) | 53.52 | 2.00 | 130.00 | 7.00 | 1200 | 164400/- | 822000/- |
| 6 | 6/20 | ପଥରଖାଦାନ | ମାନିଆ | 65 | 184(E) | 53.52 | 2.00 | 130.00 | 7.00 | 1200 | 164400/- | 822000/- |
| 7 | 7/20 | ପଥରଖାଦାନ | କୋକରିଗୁଡା | 109 | 833(C) | 38.48 | 2.00 | 130.00 | 7.00 | 1200 | 164400/- | 822000/- |
| 8 | 8/20 | ପଥରଖାଦାନ | କୋକରିଗୁଡା | 109 | 833(D) | 38.48 | 2.00 | 130.00 | 7.00 | 1200 | 164400/- | 822000/- |
| 9 | 9/20 | ପଥରଖାଦାନ | ଚାରାଗାଁ | 83 | 233 | 47.2 | 3.00 | 130.00 | 7.00 | 2030 | 278110/- | 1390550/- |
| 10 | 10/20 | ପଥରଖାଦାନ | ପେଟକନା | 39 | 362 | 93.00 | 3.50 | 130.00 | 7.00 | 2000 | 274000/- | 1370000/- |
| 11 | 11/20 | ପଥରଖାଦାନ | ଜାନିଗୁଡା | 54 | 334 | 22.13 | 2.55 | 130.00 | 7.00 | 1794 | 245778/- | 1228890/- |
| 12 | 12/20 | ପଥରଖାଦାନ | ଚାରାଗାଁ | 83 | 615 | 13.87 | 2.50 | 130.00 | 7.00 | 1200 | 164400/- | 822000/- |
| 13 | 13/20 | ମୋରମ କ୍ଵାରୀ | ପିତାଗୁଡା | 36 | 207 | 30.54 | 2.00 | 35.00 | 2.00 | 1000 | 37000/- | 185000/- |
| 14 | 14/20 | ପଥରଖାଦାନ | ପେଟକନା | 40 | 354(A) | 19.76 | 3.00 | 130.00 | 7.00 | 1020 | 139740/- | 698700/- |
| 15 | 15/20 | ପଥରଖାଦାନ | ପେଟକନା | 40 | 354(B) | 19.76 | 2.80 | 130.00 | 7.00 | 2016 | 276192/- | 1380960/- |
| 16 | 16/20 | ପଥରଖାଦାନ | କୋଡିଗାଓଁ | 61 | 340 | 36.02 | 2.50 | 130.00 | 7.00 | 1200 | 164400/- | 822000/- |
| 17 | 17/20 | ପଥରଖାଦାନ | କାଙ୍ଗା | 59 | 466 | 50.90 | 2.50 | 130.00 | 7.00 | 2068 | 283316/- | 1416580/- |
| 18 | 18/20 | ପଥରଖା | ବଡିଗାଁ | 88 | 507(A) | 35.90 | 2.80 | 130.00 | 7.00 | 1500 | 205500/- | 1027500/- |

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| | | ଦାନ | | | | | | | | | | |
| 19 | 19/20 | ପଥରଖା ଦାନ | ବଡିଗାଁ | 88 | 507(B) | 35.90 | 2.50 | 130.00 | 7.00 | 2001 | 274137/- | 1370685/- |
| 20 | 20/20 | ପଥରଖା ଦାନ | କାକୀ | 131 | 1291(A) | 13.75 | 2.80 | 130.00 | 7.00 | 1500 | 205500/- | 1027500/- |
| 21 | 21/20 | ପଥରଖା ଦାନ | କାକୀ | 131 | 1291(B) | 13.75 | 2.55 | 130.00 | 7.00 | 1500 | 205500/- | 1027500/- |
| 22 | 22/20 | ପଥରଖା ଦାନ | କାକୀ | 131 | 1291(C) | 13.75 | 2.50 | 130.00 | 7.00 | 1400 | 191800/- | 959000/- |
| 23 | 23/20 | ପଥରଖା ଦାନ | କାକୀ | 131 | 1291(D) | 13.75 | 2.50 | 130.00 | 7.00 | 1500 | 205500/- | 1027500/- |
| 24 | 24/20 | ପଥରଖା ଦାନ | ଚାରାଙ୍ଗୁଲି | 258 | 576(B) | 35.45 | 2.50 | 130.00 | 7.00 | 1204 | 164948/- | 824740/- |
| 25 | 25/20 | ପଥରଖା ଦାନ | ଚାରାଙ୍ଗୁଲି | 258 | 579(A) | 15.45 | 3.00 | 130.00 | 7.00 | 1250 | 171250/- | 856250/- |
| 26 | 26/20 | ପଥରଖା ଦାନ | କୋକରି ଗୁଡା | 109 | 833(A) | 38.47 | 2.00 | 130.00 | 7.00 | 2016 | 276192/- | 1380960/- |
| 27 | 27/20 | ପଥରଖା ଦାନ | କୋକରି ଗୁଡା | 109 | 113 | 25.62 | 2.00 | 130.00 | 7.00 | 1000 | 137000/- | 685000/- |
| 28 | 28/20 | ପଥରଖା ଦାନ | କୋକରି ଗୁଡା | 109 | 833(B) | 38.47 | 2.00 | 130.00 | 7.00 | 3020 | 413740/- | 2068700/- |
| 29 | 29/20 | ପଥରଖା ଦାନ | କୋକରି ଗୁଡା | 108 | 832 | 10.83 | 3.50 | 130.00 | 7.00 | 2914 | 399218/- | 1996090/- |
| 30 | 30/20 | ପଥରଖା ଦାନ | କୋକରି ଗୁଡା | 113 | 828 | 43.37 | 2.50 | 130.00 | 7.00 | 1200 | 164400/- | 822000/- |
| 31 | 31/20 | ପଥରଖା ଦାନ | ଲୁଙ୍ଗୁରି | 115 | 42(B) | 13.67 | 2.50 | 130.00 | 7.00 | 1512 | 207144/- | 1035720/- |
| 32 | 32/20 | ପଥରଖା ଦାନ | ଲୁଙ୍ଗୁରି | 115 | 42(A) | 13.67 | 2.50 | 130.00 | 7.00 | 2928 | 401136/- | 2005680/- |
| 33 | 33/20 | ପଥରଖା ଦାନ | ଜଙ୍ଗମପୁ ଟ | 13 | 21 | 21.3 | 2.50 | 130.00 | 7.00 | 1500 | 205500/- | 1027500/- |
| 34 | 34//20 | ପଥରଖା ଦାନ | ଲୁଙ୍ଗୁରି | 115 | 105 | 42.55 | 2.50 | 130.00 | 7.00 | 3960 | 542520/- | 2712600/- |
| 35 | 35/20 | ପଥରଖା ଦାନ | ଗାଦିଖମ ରା | 63 | 435 | 20.00 | 1.00 | 130.00 | 7.00 | 500 | 68500/- | 342500/- |
| 36 | 36/20 | ପଥରଖା ଦାନ | ମାନିଆ | 65 | 210/889 | 12.2 | 2.00 | 130.00 | 7.00 | 2000 | 274000/- | 1370000/- |
| 37 | 37/20 | ପଥରଖା ଦାନ | ମାନିଆ | 65 | 760 | 77.5 | 2.50 | 130.00 | 7.00 | 2673 | 366201/- | 1831005/- |
| 38 | 38/20 | ପଥରଖା ଦାନ | ଆଲିଗାଁ | 178 | 3 | 1.03 | 1.00 | 130.00 | 7.00 | 1200 | 164400/- | 822000/- |

ତହସିଲଦାର, ସେମିଳିଗୁଡା